ଶନିବାର, ୨୪ ମେ, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 51 Years



## ଖିଲି ଖିଲି ହସ

ଶାଶୁ ବୋହୂ ମଧ୍ୟରେ କଥାବାର୍ତ୍ତା
ଶାଶୁ: ବୋହୂ, ଆଜି ଭେଣ୍ଡି ତରକାରି ହେବ, କିଚେନ୍‌ରେ ଭେଣ୍ଡି ଥୁଆ ହୋଇଛି, ଯା’ ତାକୁ ଧୋଇକି ଶୁଖା କରିଦେ।
ବୋହୂ: ହଉ ମା’
ଶାଶୁ : ଭେଣ୍ଡି ତରକାରି ହୋଇଗଲାଣି କି
ବୋହୂ : ନା
ଶାଶୁ: ବୋହୂ, ଭେଣ୍ଡି କୁଆଡ଼େ ଗଲା ?
ବୋହୂ: ଭେଣ୍ଡି ଛାତ ଉପରେ ଶୁଖାଇ ଦେଇଛି।
ଶାଶୁ: ହେ ଭଗବାନ! (ଛାତ ଉପରକୁ ଦୌଡିଲେ ଭେଣ୍ଡି ଆଣିବାକୁ। ହେଲେ ଭେଣ୍ଡି ସବୁ ତାରରେ କ୍ଲିପ୍ ମାରି ଶୁଖା ହୋଇଥିଲା।)

ଶାଶୁ ବିଲରେ ଚା ପାଇଁ ସବୁ ରେଡି କରୁଥିଲେ। ଏତିକି ବେଳେ ବୋହୂ ଆସି ପହଞ୍ଚିଲା। ଶାଶୁ କହିଲେ– ମୁଁ ଚା’ରେ ପତି, ଅମୁଲ ସବୁ ପକାଇ ଦେଇଛି ତୁ ଖାଲି ଚିନି ପକାଇ ଦେବୁ।
ବୋହୂ: ହଉ ମା’।
ଶାଶୁ ଦୂରରୁ କହିଲେ– ହଳଦିଆ ବ୍ୟାଗ୍‌ରେ ଚିନି ଅଛି ତାକୁ ପକାଇ ଦେବୁ।
ବୋହୂ: ହଉ ମା’
ଶାଶୁ : ଚା’ରେ ଚିନି ପକାଇଲୁ ଟି ? ବୋହୂ: ହଁ
ଶାଶୁ: ମୋତେ ତ କାଇଁ ଜମା ଲାଗୁନି
ବୋହୂ: ଆପଣ ତ କହିଥିଲେ ହଳଦିଆ ବ୍ୟାଗରୁ ଚିନି ପକାଇବୁ , ମୁଁ ସେଇଥିରୁ ଚିନି ପକାଇଛି
ଶାଶୁ : ଅନାଇଲା ବେଳକୁ ବୋହୂ ସାର ପକାଇ ଦେଇଛି ଚା’ରେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# କାଠୁରିଆ ଓ ଗଛ ଦେବତା

ଗପ



ବଣ ପାଖ ଗାଁରେ ଜଣେ କାଠୁରିଆ ରହୁଥିଲା। ପ୍ରତିଦିନ ସକାଳୁ ସେ ବଣକୁ ଯାଏ। ବଣରେ ଗଛ କାଟେ। କାଟିଲା ଗଛ ସବୁକୁ କାଠ ବେପାରୀଙ୍କୁ ନେଇ ଦିଏ। ଯାହା ପଇସା ପାଏ ଘରକୁ ଫେରିଲା ବାଟରେ ହିଁ ଅଧା ଖର୍ଚ୍ଚ କରିଦିଏ। ଗଛ କାଟିବା ବ୍ୟତୀତ ଆଉ ତା’ର ଅନ୍ୟ କିଛି କାମ ଧନ୍ଦା ନାହିଁ।

କାଠୁରିଆ ବଣରେ ପହଞ୍ଚିବା କ୍ଷଣି ଆଗ ଭଲ ଭଲ ଗଛ ଖୋଜେ। ତା’ ପରେ ଗଛ ହାଣିବା କାମ ଆରମ୍ଭ କରେ। ଦିନକର କଥା– ବଣ ଭିତରେ କାଠୁରିଆ ବୁଲି ବୁଲି ଗୋଟିଏ ଗଛ ପାଖରେ ଯାଇ ପହଞ୍ଚିଲା। ଗଛକୁ ଦେଖି ମନେ ମନେ ବହୁତ୍ ଖୁସି ହୋଇଗଲା। ମନକୁ ମନ କହି ହେଲା– ବଣରେ ସେ ଅନେକ ଗଛ ଦେଖିଛି ହେଲେ ଏମିତି ଗୋଟେ ଅପୂର୍ବ ଗଛ ଜୀବନରେ କେବେ ଦେଖି ନାହିଁ। ଆଜି ନୂଆ ଦେଖୁଛି। ଗଛଟି ଦେଖିବାକୁ ବହୁତ ସୁନ୍ଦର ଆଉ ମୋଟା ଥିଲା। ଭାବିଲା ଯାହା ହେଉ ଆଜି ତାକୁ ଭଲ ଗଛଟେ ମିଳିଗଲା। ଏହାକୁ ହାଣି ସାହୁକାରକୁ ଦେଲେ, ସାହୁକାର ତାକୁ ବହୁତ ପଇସା ଦେବ। କାଳବିଳମ୍ବ ନ କରି କାଠୁରିଆ ଗଛକୁ କୁରାଢ଼ିରେ ହାଣିବାକୁ ଲାଗିଲା। ହଠାତ୍ ଗଛ ଭିତରୁ ଏକ ସ୍ୱର ଶୁଭାଗଲା ତାକୁ। କାଠୁରିଆ ଭାଇ! ଏ କାଠୁରିଆ ଭାଇ। ଗଛ ଭିତରୁ ସ୍ୱର ଶୁଣି କାଠୁରିଆ ଚମକିପଡ଼ିଲା।

ଚାରିଆଡ଼କୁ ଟିକେ ଚାହିଁଲା। ପାଖ ଆଖରେ ତ କେହି ହେଲେ ଜଣେ ନାହାନ୍ତି। ତେଣୁ ପୁଣିଥରେ ଗଛ ହାଣିବା ଆରମ୍ଭ କଲା। ପୁଣି ଥରେ ସେଇ ସ୍ୱର ଶୁଭାଗଲା। କାଠୁରିଆ ଭାଇ! ଜାଣି ଜାଣି କାହିଁକି ନିଜ ଜୀବନକୁ ବିପଦରେ ପକାଉଛ ? କାଠୁରିଆ କହିଲା– କିଏ ତୁ ? ଗଛ ପଛରେ ଲୁଚି ରହି ମୋତେ ଡରାଉଛୁ ? ମୁଁ କାହା କଥା ଶୁଣିବି ନାହିଁ। ଆଜି ମୁଁ ଭଲ ଗଛଟେ ପାଇଛି ମାନେ ତାକୁ ହାଣିବି। ମୋ କାମରୁ ମୋତେ ଆଜି କେହି ଅଟକାଇ ପାରିବେ ନାହିଁ। କିଛି ସମୟ ପରେ ପୁଣି ଶୁଭାଗଲା– ମୁଁ ଗଛ ଦେବତା କହୁଛି। ଏ ବଣରେ ଯେତେସବୁ ଗଛ ଅଛନ୍ତି, ସେମାନେ ମୋତେ ଦେବତା ବୋଲି ମାନନ୍ତି। ମୋତେ ପୂଜା କରନ୍ତି। ଆଉ ତୁମ ଭଳି ଅମଣିଷ କାଠୁରିଆମାନେ ନିଜ ସ୍ୱାର୍ଥ ପାଇଁ ଜଙ୍ଗଲକୁ ସଫା କରିଚାଲିଛନ୍ତି। ଆଗପଛ କିଛି ବିଚାର ନ କରି ଗଛଗୁଡ଼ିକ ହାଣି ଚାଲିଛନ୍ତି। କିନ୍ତୁ ତୁମେ ବୁଝି ପାରୁନ। ଗଛ ପାଇଁ ଆଜି ଏ ଦୁନିଆ ବଞ୍ଚିଛି। ଗଛ ପାଇଁ ବରଷା ହେଉଛି। ଗଛ ଅମ୍ଳଜାନ ଯୋଗାଉଛି। ତୋତେ ମୁଁ ସତର୍କ କରି କହୁଛି – ଗଛ ହାଣିବା ଛାଡ଼ି ଦେଇ ଆଜିଠାରୁ ଶପଥ ନେ ଜୀବନରେ ଆଉ କେବେ ଗଛ କାଟିବୁ ନାହିଁ। ନଚେତ୍ ତୋ ପୁଅର ଅକାଳ ମୃତ୍ୟୁ ହେବ। ତୁ ଆଉ ତୋ ସ୍ତ୍ରୀ ରୋଗରେ ପଡ଼ି ମରିବ।

ଗଛ ଦେବତାଠାରୁ ସବୁ କଥା ଶୁଣି କାଠୁରିଆ ଭୟଭୀତ ହୋଇଗଲା। କୁରାଢ଼ିଟିକୁ ତଳେ ପକାଇ ଦେଇ କହିଲା– ‘‘ହେ ଗଛ ଦେବତା ! ମୋର ଭୁଲ୍ ହୋଇଯାଇଛି। ସାମାନ୍ୟ କେତେଟା ଟଙ୍କା ଲୋଭରେ ପଡ଼ି ଜୀବନାସାରା ମୁଁ ଅତି ନିର୍ବୋଧ ଭାବେ ଅନେକ ମୂଲ୍ୟବାନ୍ ଗଛକୁ ହାଣିଛି। ଜଙ୍ଗଲ ପଦା କରିଦେଇଛି। ଯାହା ପାଇଁ ବରଷା ହେଉଛି, ମୁଁ ତାକୁ ମାରି ଦେଉଛି। ସତରେ ମୋ ଯୋଗୁ ପରିବେଶ ନଷ୍ଟ ହେଉଛି। ଖରା ବଢ଼ି ବଢ଼ି ଯାଉଛି। ଏଥିପ୍ରତି ମୋର ନିଘା ନାହିଁ। ମୁଁ ଶପଥ କରି କହୁଛି – ହେ ! ଗଛ ଦେବତା, ଆଜିଠାରୁ ଆଉ କେବେ ଗଛ କାଟିବି ନାହିଁ କିମ୍ବା ଆଉ କାହାକୁ ବଣରେ ଗଛ କାଟିବାକୁ ଦେବିନି। ଜଗତ ମଙ୍ଗଳ ପାଇଁ ହଜାର ହଜାର ଗଛ ସୃଷ୍ଟି କରିବି। ଚାରିଆଡ଼େ ପ୍ରଚାର କରିବି। ଗଛ ଗୋଟେ ଗୋଟେ ଲଗାଅ। ଭବିଷ୍ୟତ ଜୀବନକୁ ବଞ୍ଚାଅ। ଗର୍ବରେ କହିବା –ଗଛ ଆମର ବନ୍ଧୁ। ଗଛ ଆମ ମା’ ବାପା।


**– ରମେଶ ପ୍ରସାଦ ମେହେର**
ବାବୁସାହି, ବୌଦ୍ଧ
ମୋ: ୯୯୩୮୬୦୮୧୫୮

# କମ୍ ଖାଇଲେ ଭଲ



ଓଟ୍‌ସ ଏକ ହେଲ୍‌ଦି ଫୁଡ୍ ବୋଲି ସମସ୍ତଙ୍କର ଧାରଣା ରହିଛି। ତେଣୁ ସବୁ ବର୍ଗର ଲୋକେ ଏହାକୁ ନିଶ୍ଚିତରେ ଖାଇପାରିବେ ବୋଲି ଆମେ ଭାବିଥାଉ। ହେଲେ ଅନେକଙ୍କ ନିମନ୍ତେ ଏହା ଖାଇବା ଫଳରେ ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପକାଇଥାଏ। ତେଣୁ କେଉଁମାନେ ଏହି ଖାଦ୍ୟ ଗ୍ରହଣ କରିବା କଥା ନୁହେଁ ତାହା ଜାଣିବା ଦରକାର। ସେଲିଏକ ରୋଗର ଶିକାର ହୋଇଥିବା ଲୋକେ ଓଟ୍‌ସ ଖାଇଲେ ତାହା ସେମାନଙ୍କ ପେଟ ଯନ୍ତ୍ରଣା ସହିତ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ସେହିଭଳି ଇରିଟେବଲ ବାୱେଲ ସିଣ୍ଡ୍ରୋମ୍ (ଆଇବିଏସ୍)ର ଶିକାର ହୋଇଥିବା ଲୋକେ ମଧ୍ୟ ଅଧିକ ପରିମାଣରେ ଓଟ୍‌ସ ଖାଇବା ଭଲ ନୁହେଁ। ଅଧିକ ପରିମାଣରେ ଓଟ୍‌ସ ଖାଇଲେ ଏହା ରକ୍ତରେ ସୁଗାର ସ୍ତରକୁ ମଧ୍ୟ ବୃଦ୍ଧି କରିବାର ଆଶଙ୍କା ରହିଥାଏ। ତେଣୁ ଡାଏବେଟିସ୍ ଲୋକେ ମଧ୍ୟ ଏହାକୁ କମ୍ ପରିମାଣରେ ଖାଇଲେ ଭଲ। ବିଭିନ୍ନ ପ୍ରକାରର ମିନେରାଲ୍ ଅଭାବ ଥିବା ବ୍ୟକ୍ତିଙ୍କ ପକ୍ଷରେ ମଧ୍ୟ ଓଟ୍‌ସ ଖାଇବା ଗ୍ରହଣୀୟ ନୁହେଁ। ସେହିଭଳି କେତେକଙ୍କର ଓଟ୍‌ସ ଆଲର୍ଜି ମଧ୍ୟ ଥାଏ। ସେମାନେ ଓଟ୍‌ସ ଖାଇବା ଠିକ୍ ହେବ ନାହିଁ। ଅବଶ୍ୟ ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ହୁଏତ ଖୁବ୍ କମ୍ ହୋଇପାରେ କିନ୍ତୁ ଏହି ବ୍ୟକ୍ତିମାନେ ଓଟ୍‌ସ ନ ଖାଇଲେ ଭଲ।

## ରଙ୍ଗ ଦିଅ



## ମତାମତ

▶▶ ଖରାଛୁଟି ପାଠଟିରୁ ପିଲାମାନେ ଏଥର ଛୁଟିରେ କ’ଣ କରିବେ ସେ ସମ୍ପର୍କରେ ଜାଣିବାକୁ ପାଇଲି।
**–ପୂଜା ରାଉତ, କେନ୍ଦ୍ରାପଡ଼ା**

▶▶ ଗଳ୍ପରେ ସୁଧୁରିଗଲା ଚିନୁ ପାଠଟି ଶିକ୍ଷଣୀୟ ହୋଇଛି।
**–ତନୁଶ୍ରୀ ବେହେରା, ବାଲେଶ୍ୱର**

▶▶ ଚାଳକବିହୀନ ବାୟୁଯାନ ପାଠଟିରୁ ଡ୍ରୋନ୍ କିପରି ଅପହଞ୍ଚ ସ୍ଥାନରେ ସହଜରେ ପହଞ୍ଚିବା ସହିତ ସେଥିରେ କିପରି ଜିନିଷ ପ୍ରେରଣ କରାଯାଏ ତା’ ସମ୍ପର୍କରେ ମଧ୍ୟ ଜାଣିବାକୁ ପାଇଲି। ଏମିତି ଏକ ମାଛ ଅଛି ଯାହା କୁମ୍ଭୀରକୁ ମଧ୍ୟ ମାରିପାରେ ତାହା ଜାଣି ଆଶ୍ଚର୍ଯ୍ୟ ଲାଗିଲା।
**–ବିଭୂତି ସାହୁ, ନୂଆବଜାର, କଟକ**

# ଛଅଟି କଥା



ପିଲାମାନେ ପାଠ ପଢ଼ା ବ୍ୟତୀତ କିଛି ଲାଇଫ୍ ସ୍କିଲ୍ ଶିଖିବା ମଧ୍ୟ ଜରୁରୀ। ଏହା ସହାୟତାରେ ସେମାନେ ନିଜ ଲକ୍ଷ୍ୟପଥରେ ସହଜରେ ଅଗ୍ରସର ହୋଇପାରିବେ। ପିଲାମାନେ ଏବେ ସିନା ପାଠ ପଢୁଛନ୍ତି, ହେଲେ ଭବିଷ୍ୟତରେ ଦୁନିଆକୁ ସାମ୍ନା କରିବେ। ଏହି ସମୟରେ କେତେକ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ତେଣୁ ଯୋଜନା ମୁତାବକ ନିଜ ଜୀବନକୁ ଆଗେଇନେବାକୁ ଚେଷ୍ଟା କରିବା ଦରକାର। ଏହି ସମୟରେ ନିମ୍ନୋକ୍ତ ଛଅଟି କଥାକୁ ଗୁରୁତ୍ୱ ଦେଇପାରିବେ.....

ପିଲାଟିଏ କେବଳ ପାଠ ପଢ଼ିବା ସମୟରେ ନୁହେଁ, ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସାମ୍ନା କରିଥାଏ। ଏହି ସମୟରେ କେତେକେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତି। ଅସଲ ସମୟରେ କ'ଣ ନିଷ୍ପତ୍ତି ନେଲେ ଠିକ୍‌ହେବ ତାହା ଜାଣିପାରନ୍ତି ନାହିଁ। ଯଦି କେହି ସେମାନଙ୍କୁ ଏ ସମ୍ପର୍କରେ କିଛି ଟିପ୍ସ ଦିଅନ୍ତି ତାକୁ ମଧ୍ୟ ଠିକ୍ ଭାବରେ ତର୍ଜମା କରନ୍ତି ନାହିଁ। କିନ୍ତୁ ସେତେବେଳେ ବେଶ୍ ଧୈର୍ଯ୍ୟର ସହ ଆଗକୁ ଆଗେଇବାକୁ ପଡ଼େ। ଏଭଳି କେତୋଟି ବିଷୟ ରହିଛି ଯାହା ପ୍ରତି ସେମାନେ ଧ୍ୟାନଦେବା ଦରକାର। ଏହିପରି ପ୍ରମୁଖ ୬ଟି କଥା ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

## ରୁଟିନ୍ ଲାଇଫ

ଛୋଟ ବେଳୁ ରୁଟିନ୍ ଲାଇଫ ପ୍ରତି ସଚେତନ ରହିବା ଦରକାର। ପ୍ରତିଦିନର କାମ ଠିକ୍ ସମୟରେ ସାରନ୍ତୁ। ନିଜକୁ ସମ୍ଭାଳିବା ଏବଂ ସମୟପ୍ରତି ଧ୍ୟାନଦେବା ନିହାତି ଆବଶ୍ୟକ। ଏସବୁ କୌଣସି ଜିନିଷ ପ୍ରତି ଧ୍ୟାନ ଆକର୍ଷଣ କରିବାରେ ସାହାଯ୍ୟ କରେ। ଯେତେବେଳେ ପିଲା ଜାଣେ କେତେବେଳେ କ'ଣ କରିବା ଆବଶ୍ୟକ ସେତେବେଳେ ସେ ନିଜ ଉପରେ ନିୟନ୍ତ୍ରଣ ଆଣିବା ଆପେ ଆପେ ଶିଖିଯାଏ।

## ଅନ୍ୟର କଥାକୁ ଗୁରୁତ୍ୱ ଏବଂ ସମ୍ମାନ

ସବୁ ପିଲାଙ୍କ ବିଚାର ଶକ୍ତି ଏବଂ ଭାବନା ଭିନ୍ନ ଭିନ୍ନ ହୋଇଥାଏ। ପିଲାଙ୍କୁ ଏହା ବୁଝିବା ଜରୁରୀ ଯେ ପ୍ରତ୍ୟେକଙ୍କ କଥାରେ କିଛି ନା କିଛି ମୂଲ୍ୟ ଅଛି ସେ ବଡ ହୁଅନ୍ତୁ କି ଛୋଟ। ତାଙ୍କର ସେହି କଥାକୁ ସମ୍ମାନଦେବା ଆବଶ୍ୟକ। ଏସବୁ କଥାକୁ ଗୁରୁତ୍ୱ ଦେଇ ନିଜ ଜୀବନରେ ଉପଯୋଗ କଲେ ସୁଫଳ ନିଶ୍ଚିତ ମିଳିବ ଏଥିରେ ସନ୍ଦେହ ନାହିଁ।

## ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ


ପିଲାମାନେ କ'ଣ କରିବା ଦରକାର କ'ଣ ନୁହେଁ , ଏହା ଭାବିବାର ଶକ୍ତି ରହିବା ଆବଶ୍ୟକ। ଏଥିପାଇଁ ଗେମ୍ସ, ରୋଲ ପ୍ଲେ, କ୍ରିଏଟିଭ୍ ଆକ୍ଟିଭିଟିଜ୍ ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହା ଫଳରେ ଭାବିବାର ଉପାୟ ଭଲ ହୋଇପାରିବ।

## ଭୁଲରୁ ଶିଖନ୍ତୁ

ପ୍ରତିଥର ସବୁ ଜିନିଷ ଠିକ୍ ହେବ ଏହା ମଧ୍ୟ ଜରୁରୀ ନୁହେଁ। ଯଦି କିଛି ଭୁଲ୍ କରୁଛ ତେବେ ତୁମେ ଏହାକୁ ନିଜେ ସ୍ୱୀକାର କର। ମାତାପିତାଙ୍କ କଥା ଶୁଣ। ବାରମ୍ବାର ଚେଷ୍ଟା କରିବାର ଅଭ୍ୟାସ ମନ ଭିତରେ ରଖ। ଏହା ଫଳରେ ତୁମେ ଜୀବନରେ କେବେ ହାରିବ ନାହିଁ।

## ନୂଆ ଜିନିଷ ପାଇଁ ଚେଷ୍ଟା

ଯଦି କିଛି ନୂଆ କରୁଛ ତାକୁ କିପରି ଭଲ କରିହେବ ସେ ଚେଷ୍ଟା ମନୋଭାବ ରଖ। ଭୁଲ୍ ହେଉ ପଛେ ବାରମ୍ବାର



ଏହି ଅଭ୍ୟାସ ରହିଲେ ମନରେ ସାହସ ବଢ଼ିବ। ଏହା ଦ୍ୱାରା ମନରୁ ଭୟ ଦୂରକରିବା ସହ ଆତ୍ମବିଶ୍ୱାସ ବଢ଼ିଥାଏ।

## ଦାୟିତ୍ୱ ନେବା ଶିଖନ୍ତୁ

ପିଲା ଛୋଟ ହେଉ କି ବଡ଼, ଛୋଟ ବେଳୁ ଯଦି ନିଜର ଦାୟିତ୍ୱ ନେବାର କ୍ଷମତା ରହିଲା ତେବେ ତାଙ୍କ ପାଇଁ ଭଲ। ଯେମିତିକି ସେମାନେ ନିଜ କାମ ନିଜେ କରିବା, ନିଜ ଜିନିଷ, ବହିପତ୍ରକୁ ସଜାଡ଼ି ଯଥା ସ୍ଥାନରେ ରଖିବା ଆଦି ଶିଖିବା ଆବଶ୍ୟକ। ନିଜେ ହାତରେ ଖାଇବା, ଅନ୍ୟ କାହା ସାହାଯ୍ୟ ନ ନେଇ ଖାଦ୍ୟକୁ ନିଜେ ଶେଷ କରିବା ଆବଶ୍ୟକ। ଠିକ୍ ସମୟରେ ଶୋଇବା ଏବଂ ସକାଳୁ ଉଠିବା ଏସବୁ ନିଜେ କରିବା ଜରୁରୀ।

## ଏମାନେ କ'ଣ କରନ୍ତି..

### ନିଜ ଦାୟିତ୍ୱ ନିଜେ ନେବାକୁ ଚେଷ୍ଟାକରେ



କେବଳ ପାଠ ପଢ଼ିଲେ ହେବ ନାହିଁ, ନିଜ ଦାୟିତ୍ୱ କିପରି ନିଜେ କିଛି ପରିମାଣରେ ନେଇପାରିବି ସେ ନେଇ ଚେଷ୍ଟାକରେ। ପ୍ରାୟ ନିଜ କାମକୁ ନିଜେ କରେ। ରୁଟିନ୍ ଅନୁସାରେ ବହି ସଜାଡ଼ିବା, ଡ୍ରେସ୍ ସଫା ଅଛି କି ନାହିଁ ଦେଖିବା, କେତେବେଳେ ହୋମ୍‌ୱର୍କ କରିବା ଆଦି କାମକୁ ନିଜେ ତୁଲାଇଥାଏ। କଦାପି ଅତି ଆଶାବାଦୀ ହୋଇ ନ ଥାଏ। ମୋତେ ମୋ କ୍ୟାରିୟରକୁ ନେଇ ଯଦି କିଏ କିଛି ପରାମର୍ଶ ଦିଅନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରିବା ପରେ ଅନୁସରଣ କରିଥାଏ। ନିଜର ବିଚାରଧାରା କିପରି ସବୁବେଳେ ସକାରାତ୍ମକ ରହିବ ସେ ନେଇ ସବୁବେଳେ ସତର୍କ ରହିଥାଏ।


**-ସ୍ନେହା ଶର୍ମା** (କ୍ଲାସ୍-୯ମ, ମଦର୍ସ ପବ୍ଲିକ ସ୍କୁଲ, ପୁରୀ)

### ସବୁ କଥାକୁ ତର୍ଜମାକରେ



ମୁଁ ଏବେ ପାଠ ପଢୁଛି। ମୋ ପାଠପଢ଼ା ଏବଂ ଭବିଷ୍ୟତରେ ମୁଁ କ'ଣ କରିବି ସେ ନେଇ ଅନେକେ ଭିନ୍ନ ଭିନ୍ନ ମତ ଦିଅନ୍ତି। ହେଲେ ମୁଁ ସେଥିରେ ବିବ୍ରତ ହୁଏନା। କାରଣ ଏବେ ମୋର କେବଳ ପାଠ ପଢ଼ା ଉପରେ ଧ୍ୟାନ ରଖିବା ହେଉଛି ବଡ଼ କଥା। ମୁଁ କେତେବେଳେ କ'ଣ କରିବି ସେ ନେଇ ଏକ ରୁଟିନ୍ ପ୍ରସ୍ତୁତ କରିଛି। ତାହାକୁ ସବୁବେଳେ ଠିକ୍ ଭାବରେ ଅନୁସରଣ କରେ। ଜୀବନରେ ସମସ୍ୟା ତ ନିଶ୍ଚୟ ଆସିବ। ହେଲେ ସେଥିରେ ମୁଁ ବିଚଳିତ ନ ହୋଇ ତାହାକୁ କିପରି ସମାଧାନ କରାଯାଇପାରିବ ଚେଷ୍ଟାକରେ। ମୁଁ ପ୍ରତିଟି କଥାକୁ ଭଲ ଭାବରେ ତର୍ଜମା କରିବା ପରେ ହିଁ ଗ୍ରହଣ କରେ। ମୋ ପାଠପଢ଼ା କିପରି କୌଣସି କାରଣରୁ ପ୍ରଭାବିତ ନ ହେବ ସେ ନେଇ ସବୁବେଳେ ସତର୍କ ରହିଥାଏ।

**-ଅଭୀପ୍ସା ଦାଶ,** (କ୍ଲାସ୍-୮ମ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପିତୁକୋଳି, ଖୋର୍ଦ୍ଧା)





୧


୨


୩


୪


୫


୬


୭


୮


ଲକ୍ଷ୍ମୀପ୍ରିୟା ସ୍ୱାଇଁ
କ୍ଲାସ- ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଖୋର୍ଦ୍ଧା
୧

୨
ତନ୍ମୟ ମହାନ୍ତି
କ୍ଲାସ- ୬, ଗନ୍ତାୟତ କାଟେଣି, ସୁକିନ୍ଦା, ଯାଜପୁର



ଆକାଶ ନାୟକ
କ୍ଲାସ- ୮, ଆରାବଲ ପଞ୍ଚାୟତ ସ୍କୁଲ. ଧର୍ମଶାଳା, ଯାଜପୁର
୩

୪
ସୁପ୍ରିୟା ପ୍ରଧାନ
କ୍ଲାସ- ୭, ଯୁବରାଜ ନୋଡାଲ ୟୁ.ପି ସ୍କୁଲ, ଯାଜପୁର



ଶ୍ରିୟାସୁ ପ୍ରଧାନ
କ୍ଲାସ- ନେତାଜୀ ସରକାରୀ ବିଦ୍ୟାଳୟ, କାଙ୍କଡପାଳ, ସୁକିନ୍ଦା, ଯାଜପୁର
୫

୬
ଦେବହୁତି ବରଦାଲକ୍ଷ୍ମୀ ରାଉତ
କ୍ଲାସ-୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା



ସମୀକ୍ଷା ମହାନ୍ତି
କ୍ଲାସ-୯, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଷଣ୍ଢପୁର, ଜଟଣୀ, ଖୋର୍ଦ୍ଧା
୭

୮
ଜ୍ୟୋତିର୍ମୟୀ ଦାଶ
କ୍ଲାସ- ୯, ସରକାରୀ ବାଳିକା ବିଦ୍ୟାଳୟ, ସୋନପୁର




# କବିତା

## ଆମ ଗାଁ ନଈ

ଆମ ଗାଁ ନଈ ଯାଉଛି ବହି
ସାଗର ଛୁଆଁ ପାଇଁ।
ବଣ ପାହାଡ ପଥର ଗଡ
ବନ୍ଧ ବାଡ଼କୁ ଡେଇଁ।
ତାହାରି ଜଳେ ମୀନଟି ଖେଳେ
ହରଷ ଚାଷୀ ଚିତ୍ତ।
ନାବରେ ବସି ଧୀବର ଖୁସି
ନଈ ତାହାର ମିତ।
ଗାଈ ମଇଁଷି ଖରାରେ ଆସି
ପିଅନ୍ତି ତା'ର ଜଳ।
ମେଣ୍ଢାଇ ଶୋଷ ପକ୍ଷୀ ହରଷ
ଉଡ଼ନ୍ତି ଦଳ ଦଳ।
କାନ୍ଦଇ ନଈ ଲୁହ ଗଡ଼ାଇ
ପୂର୍ବ ଗାରିମା ନାହିଁ।
ତା' ଜଳ କୂଳ ନୁହେଁ ନିର୍ମଳ
ଏହି ମଣିଷ ପାଇଁ।

**– ବୈକୁଣ୍ଠ ବିହାରୀ ସ୍ୱାଇଁ**
ମୋ: ୯୯୩୭୨୩୯୮୨୮

## ମନ ଖୋଲା ହସ

ମନ ଖୋଲା ହସ ଦେହକୁ ହିତ
ଖୋଲା ହସରେ ଯୋଡି ହୁଅନ୍ତି ମିତ।
ଜମି, ଜଙ୍ଗଲ, ଜଳ, ଖଣି,ପଶୁ ପକ୍ଷୀ
ସବୁ ସରିଗଲେ ଅନ୍ଧତ୍ୱ ଆଖି।
ନିଜର ସମ୍ପତ୍ତି ଭାବି ନ କର ନଷ୍ଟ
ଉତ୍ତର ପିଢ଼ୀ ପାଇଁ ରଖିବ କଷ୍ଟ।
ନିଶାଦ୍ରବ୍ୟ ଠାରୁ ଦୂରେଇ ରହି
ସମୟ ଦେଖି ଗଛ ଲଗାଅ ଭାଇ।
ମାନ ରଖିବା ମାନବ ଧର୍ମ
ଧରଣୀ ମା'କୁ ଦେବା ସମ୍ମାନ।
ଧରତ୍ରୀ ମା'କୁ କଲେ ସୁନ୍ଦର
ବିଶ୍ୱ ଦରବାରେ ମିଳିବ ଆଦର।

**–ସୁକାନ୍ତି ପ୍ରଧାନ**
ନୀଳଚକ୍ର ଆପାର୍ଟମେଣ୍ଟ, ଭୁବନେଶ୍ୱର
ମୋ: ୮୪୮୦୯୦୪୧୦୧

## ମଉସୁମୀ ଆସ ଫେରି

ନ କରି ଜମାରୁ ଡେରି
ମଉସୁମୀ ଆସ ଫେରି,
ତୁମକୁ ସ୍ୱାଗତ କରିବୁ ସଭିଏ
ବଜାଇ ଖୁସିର ଭେରୀ।
ଆକାଶେ ମେଘକୁ ଧରି
ଆସ ତୁମେ ଅବତରି,
ତୁମ ପରଶରେ ଉଜୁଡ଼ା ମାଟିରେ
ଶିହରଣ ଯିବ ଭରି।
ଶୁଣି ଘଡ଼ଘଡ଼ି ରଡ଼ି
ପଡ଼ିବନି ଭୟେ ଗଡ଼ି,
ନ ହେଲେ ଚଗଲା ପବନ ତୁମକୁ
ବହୁ ଦୂରେ ଦେବ ତଡ଼ି।
ସବୁଜ ହୋଇବ କ୍ଷେତ
ମଉସୁମୀ ତୁମେ ହୋଇଲେ ସକ୍ରିୟ
ଆଶା ହେବେ ସମବେତ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ,ଦଶରଥପୁର, ଯାଜପୁର
ମୋ:୯୪୩୭୮୬୫୭୨୭


## ଭାରତ ଆମର ମା'



ଜନନୀ ମୋର ଚିର ସୁନ୍ଦର
ଯା' ପାଦ ଧୁଏ ସାଗର ନୀର
ମସ୍ତକେ ଯା'ର ହିମ ଶିଖର
କିରୀଟ ପ୍ରାୟ ଶୋହେ,
ପୁଣ୍ୟ ସଲିଳା, ଶସ୍ୟ ଶ୍ୟାମଳା
ବିନ୍ଧ୍ୟଗିରି ଯା' କଟି ମେଖଳା
ଚାରୁ ସୁଶୀଳା, ସ୍ନେହବତ୍ସଳା
ବିଶ୍ୱ ପରାଣ ମୋହେ।
ତାହାରି ଜଳ, ତାହାରି ବାଆ
ଚଳାଏ ଆମ ଜୀବନ ନାଆ
କରୁଣାମୟୀ ସେ ଆମ ମା'
ସନ୍ତାନ ତା'ର ଆମେ,
ତାହାରି ସେବା ଆମରି କର୍ମ
ତାହାରି ରକ୍ଷା ଆମରି ଧର୍ମ
ଭାରତ ମାତାର ରଖିବୁ ନାମ
ଅଖିଳ ବିଶ୍ୱ ଧାମେ।

**– ମାଧବୀଲତା ଦେଇ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

# ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



## ସର୍ବ କନିଷ୍ଠ କ୍ୟୁବ ସମାଧାନକାରୀ

ସବୁଠୁ କମ୍ ବୟସର ବାଳିକାଭାବେ ରୁବିକ୍ କ୍ୟୁବ ସମାଧାନ କରି ଗିନିଜ୍ ରେକର୍ଡ କରିବାକୁ ସକ୍ଷମ ହୋଇଛନ୍ତି କନିକା ଭାଗତିୟା। ଗୁଜରାଟ ଅହମଦାବାଦର ଏଇ କୁନିଝିଅ ମାତ୍ର ୬ ବର୍ଷ ବୟସରେ ମୋଟ ୮ ପ୍ରକାରର ଭିନ୍ନ ଧରଣର କ୍ୟୁବ ସମାଧାନ କରି ପାରିଛନ୍ତି। ତାଙ୍କର ଏଭଳି ବିଚକ୍ଷଣ ମାନସିକତା ଥିବାର ପ୍ରମାଣ ମିଳିଥିଲା ଯେତେବେଳେ ତାଙ୍କୁ ୪ ବର୍ଷ ହୋଇଥିଲା। ସେତେବେଳେ କେହିଜଣେ ତାଙ୍କୁ କ୍ୟୁବଟିଏ ଉପହାର ଦେଇଥିଲେ। ଏହାପରେ ସେ ତାକୁ ଖେଳିବା ପାଇଁ ନେଇ ସଙ୍ଗେ ସଙ୍ଗେ ସମାଧାନ କରି ଦେଇଥିଲେ। ଏହା ଦେଖି ସେତେବେଳେ ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଆହୁରି ଥରେ ତାଙ୍କୁ ସମାଧାନ କରିବା ପାଇଁ ଦେଇଥିଲେ। ଏହିପରି ବାରମ୍ବାର ସେ କ୍ୟୁବ ସମାଧାନ କରି ଦେଇଥିଲେ। ତା'ପରେ ତାଙ୍କ ବାପା ତାଙ୍କୁ ଶିଖିବା ପାଇଁ ସୁଯୋଗ ଦେଇଥିଲେ। ଏବେ ସେ ବିଭିନ୍ନ ପ୍ରକାରର କ୍ୟୁବକୁ ଖୁବ୍ ଶୀଘ୍ର ସମାଧାନ କରି ପାରୁଛନ୍ତି। ତେବେ ଏହି କ୍ଷେତ୍ରରେ ପୂର୍ବରୁ ତାଙ୍କର ଭିନ୍ନ ଭିନ୍ନ ରେକର୍ଡ ରହିଛି। ସ୍କେଟିଂ କରିବା ସମୟରେ ଖୁବ୍‌ଶୀଘ୍ର କ୍ୟୁବ ସମାଧାନ କରି ସେ ରେକର୍ଡ ମଧ୍ୟ କରିଛନ୍ତି।

# ଏଥରର ?

- କେଉଁ ପ୍ରକାର ଖେଳରେ ସବୁ ଖେଳାଳିଙ୍କୁ କେବଳ ଧଳା ରଙ୍ଗର ପୋଷାକ ପିନ୍ଧିବାର ଅନୁମତି ଥାଏ ?
- କେଉଁ ମସିହାରେ ୟୁରୀ ଗାଗାରିନ୍ ମହାକାଶରେ ପାଦ ରଖିଥିଲେ ?
- ଆମେରିକାର ତୃତୀୟ ରାଷ୍ଟ୍ରପତିଙ୍କ ନାମ ?
- ୱାଟରଲୁ ଯୁଦ୍ଧ କେଉଁ ଦେଶରେ ହୋଇଥିଲା ?
- କେଉଁ ୟୁରୋପିଆନ୍ ଦେଶର ଜାତୀୟ କ୍ରୀଡା ହେଉଛି ହର୍ଲିଂ ?

## ଗତଥରର ଉତ୍ତର

- ୧୯୧୨
- ସ୍ପୁଟନିକ୍
- ମିଙ୍ଗ୍ ରାଜବଂଶ
- ୧୯୮୯
- ଗ୍ରେଟ୍ ବ୍ରିଟେନ

# କହିଲ ଦେଖି



ଏତେ ଉଚ୍ଚା ଗଛ ଫଳ
ଚାହିଁଲେ ଲାଗେ ଡର।
ବୈଶାଖରେ ପାଗ ହୋଇ
ଗଛରୁ କଟା ହୁଏ
ସାବିତ୍ରୀ ଦେବୀ ପୂଜା ବେଳେ
ହୁଅଇ ଭୋଗ ସିଏ।
ଦେଖିବାକୁ ଧଳା ଆଉ
ନରମ ଦେହ ତାର
ଭାରି ସୁଆଦିଆ ଲାଗେ
କେତେ ଯେ ଆଦର।
କେ ଜାଣିଛ କହିଲ ଦେଖି
ନାଆଁଟି ତାହାର ?

ଉତ୍ତର – **ତାଳସଜ**



ଏମିତି ଏକ ପୂଜା ନାରୀର ଉଡେ ଧ୍ୱଜା
ନାରୀ ପାଖେ ହାରିଥିଲେ ସେଇ ଯମ ରାଜା,
ତାଙ୍କ ତପସ୍ୟା ଦେଖି ଡରିଥିଲେ ଦେବତା
କାଳ କାଳକୁ ସିଏ ହେଲେ ପତିବ୍ରତା,
ପତି ପ୍ରାଣ ଫେରାଇକି ହୋଇଥିଲେ ସତୀ
ସେହି ଦିନୁ ପାଳନ ହୁଅଇ ଏଇ ପୂଜାନୀତି
କେଉଁ ପୂଜା ନାମେ ପାଳନ ହୁଅଇ
କହି ଦିଅ ନାରୀ ଜାତି ?

ଉତ୍ତର– **ସାବିତ୍ରୀ ବ୍ରତ**



ଏମିତି ବି ନାରୀ ଥିଲେ ମହାସତୀ
ଯାହାପାଇଁ ଦିନଟିଏ ହୋଇଥିଲା ସାତ ରାତି,
ପତିଭକ୍ତି ଦେଖି ଈର୍ଷା କଲେ ସବୁ ଦେବୀ
ସତିତ୍ୱ ଭଙ୍ଗ ପାଇଁ ଆସିଲେ ତ୍ରିଦେବ,
ସତ୍ୟ ରକ୍ଷା କରି ସିଏ ତାଙ୍କୁ କଲେ ଶିଶୁ
ତାପରେ ସନ୍ତାନ ଭଳି ଧରିଲେ କୋଳରେ,
ସତୀ ନାରୀର ଶକ୍ତି ଦେଖିଲା ବ୍ରହ୍ମାଣ୍ଡ
କିଏ ସେହି ନାରୀ ଏବେ କହିଦିଅ ?

ଉତ୍ତର– **ସତୀ ଅନସୂୟା**



କଳା ମସ ମସ ଦେହଟି ତାର
ଚାରିଗୋଡ ଦୁଇ ଶିଙ୍ଘ ତାହାର
ଯମ ସଙ୍ଗେ ଭାରି ପିରତି ତାର
ପୃଥୁଳକାୟତା ଅଟେ ଶରୀର
ଘାସ ଲତା ସବୁ କରେ ଆହାର
କହିଲ ଦେଖି ଏ ନାମ ଜନ୍ତୁର।

ଉତ୍ତର– **ମଇଁଷି**

**– ଦୀନବନ୍ଧୁ ପୋଇ**
ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨










# କୌଣସି ଗାଁଠୁ ବି ଛୋଟ ଏସବୁ ଦେଶ

**ପୃଥିବୀରେ ଏମିତି କିଛି ଦେଶ ଅଛି ,ଯାହାକି କୌଣସି ଗାଁଠାରୁ ବି ଛୋଟ । ସେସବୁ ସ୍ଥାନରେ ବୁଲିବା ଏବଂ ପହଞ୍ଚିବା ସହଜ ହୋଇଥାଏ। ଜାଣି ଆଶ୍ଚର୍ଯ୍ୟ ହେବ ଏସବୁ ଦେଶକୁ ୨୪ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ବୁଲିହେବ। ଯଦି ତୁମମାନଙ୍କର କୌଣସି ଦେଶକୁ ବୁଲିଯିବାର ଥାଏ ତେବେ ମନରେ ଆସେ ଯେ ସେଠାରେ କେଉଁସବୁ ସ୍ଥାନ ରହିଛି । ଏହି ଦେଶକୁ କେତେଦିନରେ ବୁଲି ଯାଇହେବ ଏମିତି କେତେକ ପ୍ରଶ୍ନ ମନରେ ଆସିବା ସ୍ୱାଭାବିକ। ତେବେ ଏଠାରେ କେତୋଟି ଦେଶ ସମ୍ପର୍କରେ ସୂଚନା ଦିଆଯାଉଛି ଯେଉଁଠି ବୁଲିବାକୁ ମାତ୍ର କେଇଘଣ୍ଟା ସମୟ ଲାଗିଥାଏ।**




**ସାନ୍ ମାରିନା:** ସାନ୍ ମାରିନୋ ବିଶ୍ୱର ସବୁଠାରୁ ପୁରୁଣା ଗଣରାଜ୍ୟ । ଏହାର ସ୍ଥାପନା ଖ୍ରୀ.ପୂ ୩୦୧ରେ ହୋଇଥିଲା । କିନ୍ତୁ ଏହି ଦେଶର ସମ୍ବିଧାନ ୧୬୦୦ରେ ପ୍ରସ୍ତୁତ ହୋଇଥିଲା । ଏହି ଦେଶଟିକୁ ଚାରିପଟରୁ ଘେରି ରହିଛି ଇଟାଲି । ସାନ୍ ମାରିନୋ ନିଜର ବାସ୍ତୁକଳା ଏବଂ ଐତିହାସିକ କେନ୍ଦ୍ରସ୍ଥଳ ଲାଗି ବେଶ୍ ଜଣାଶୁଣା ।

**ମୋନାକୋ:** ମୋନାକୋ ଦେଶର କ୍ଷେତ୍ରଫଳ ୧ ବର୍ଗ ମାଇଲଠୁ ବି କମ୍ ହେବ । ଏହି ଦେଶଟି କେବଳ ରେସିଂ ଟ୍ରାକ୍ ଏବଂ ସମୁଦ୍ର କୂଳ ପାଇଁ ବେଶ୍ ପରିଚିତ । ଏହା ହେଉଛି ବିଶ୍ୱର ଦ୍ୱିତୀୟ କ୍ଷୁଦ୍ରତ୍ତମ ଦେଶ ।

**ଲିଚ୍‌ଟେନଷ୍ଟିନ୍ :** ଏହା ୟୁରୋପର ଏକ ଛୋଟ ଦେଶ, ଯାହା କୌଣସି ଗାଁଠାରୁ ବି ଛୋଟ । ଏହି ଦେଶ ସୁଇଜରଲାଣ୍ଡ ଏବଂ ଅଷ୍ଟ୍ରିଆ ମଧ୍ୟରେ ଅବସ୍ଥିତ । ଏହି ଦେଶର ରାଜଧାନୀର ନାମ–ବଡାଜ । ପିଲାଏ ଜାଣି ଆଶ୍ଚର୍ଯ୍ୟ ହେବ ଯେ, ଏହି ଦେଶର କ୍ଷେତ୍ରଫଳ ମାତ୍ର ୧୬୦ବର୍ଗ କିଲୋମିଟର ।

**ଭାଟିକାନ୍ ସିଟି:** ଭାଟିକାନ୍ ସିଟି ବିଶ୍ୱର ଛୋଟ ଦେଶ । ଏହି ଦେଶଟି ୪୪ହେକ୍ଟରରେ ସ୍ଥାନରେ ଅବସ୍ଥିତ । ଉକ୍ତ ଦେଶକୁ ଚାରିପଟରୁ ଘେରି ରହିଛି ରୋମ୍ । ଏହି ଦେଶ କ୍ୟାଥୋଲିକ୍ ଚର୍ଚ୍ଚ ପାଇଁ ବେଶ୍ ପରିଚିତ ।

**ଟବାଲୁ :** ଅଷ୍ଟ୍ରେଲିଆ, ଫିଜି ଏବଂ ସୋନୋମନ ଦ୍ୱୀପର ଏକ ଛୋଟ ଦେଶ ହେଉଛି ଟବାଲୁ। ପିଲାଏ, ଜାଣି ଆଶ୍ଚର୍ଯ୍ୟ ହେବ ଯେ ଏଠାରେ ମାତ୍ର ଗୋଟିଏ ସଡ଼କ ରହିଛି । ଯଦି ଉକ୍ତ ସହରକୁ ବୁଲିବାକୁ ଆସିଛ, ତେବେ ଜାଣିରଖ ଏଠାରେ ଗୋଟିଏରୁ ଦୁଇଟି ହୋଟେଲ ରହିଛି। ଏହି ଦେଶର କ୍ଷେତ୍ରଫଳ ମାତ୍ର ୨୬ କିଲୋମିଟରଠୁ ବି କମ୍।




# ଦୀର୍ଘତମ ପୋଲ




ଏପରି ଏକ ପୋଲ ନିର୍ମାଣକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା। ଏହା ଏତେ ଲମ୍ବା ଯେ ତାହା ଲୋକଙ୍କ ଧ୍ୟାନ ଆକର୍ଷଣ କରିଥାଏ। ଆଜି ପୃଥିବୀର ସବୁଠାରୁ ଦୀର୍ଘତମ ଏବଂ ଦାମୀ ପୋଲ ବିଷୟରେ ସୂଚନା ଦେଉଛୁ। ଏହା ହେଉଛି ଡାନିୟାଙ୍ଗ୍ କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍ । ଏହି ପୋଲଟି ଚାଇନାରେ ଅବସ୍ଥିତ। ଏହାର ଲମ୍ବ ୧୬୪.୮କିଲୋମିଟର। ଏହାକୁ ବିଶ୍ୱର ସବୁଠାରୁ ଦାମୀ ପୋଲ ବୋଲି କୁହାଯାଉଛି। ଏହି ପୋଲ ନିର୍ମାଣ ଲାଗି ପ୍ରାୟ ୮.୫ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଡାନିୟାଙ୍ଗ୍ କୁନ୍‌ଶାନ୍ ଗ୍ରାଣ୍ଡ ବ୍ରିଜ୍ ବେଜିଂ–ଶାଂଘାଇ ହାଇ ସ୍ପିଡ୍ ରେଲୱେର ଏକ ଅଂଶ। ଏହାକୁ ନିର୍ମାଣ କରିବା ଲାଗି ପ୍ରାୟ ୪ ବର୍ଷ ସମୟ ଲାଗିଥିଲା। ପୋଲଟିର କାମ ୨୦୦୬ରେ ଆରମ୍ଭ ହୋଇ ୨୦୧୦ରେ ସରିଥିଲା। ଏହି ପୋଲଟିରେ ପ୍ରାୟ ୧୦,୦୦୦ରୁ ଅଧିକ ଲୋକ କାମ କରିଥିଲେ।

# ଗଧ ମେଳା

ପିଲାମାନେ,ତୁମେ ଆଗରୁ ଘୋଡ଼ା ମେଳା,ଓଟ ମେଳା, ଗାଈ,ମଇଁଷି ଆଦିର ମେଳା ଦେଖିଥିବ। କିନ୍ତୁ ଆମ ଦେଶରେ ଗଧଙ୍କ ମେଳା କେଉଁଠାରେ ଅନୁଷ୍ଠିତ ହୁଏ ସେ ବିଷୟରେ ହୁଏତ କମ୍ ଜାଣିଥିବ ! ଏହି ଗଧ ମେଳା ମଧ୍ୟପ୍ରଦେଶର ଚିତ୍ରକୂଟରେ ଅନୁଷ୍ଠିତ ହୋଇଥାଏ। କୁହାଯାଏ, ଏହି ମେଳାର ଆରମ୍ଭ ମୋଗଲ ସମ୍ରାଟ ଔରଙ୍ଗଜେବ୍ କରାଇଥିଲେ। ମନ୍ଦାକିନୀ ନଦୀ କୂଳରେ ୩ ଦିନ ପର୍ଯ୍ୟନ୍ତ ଏହି ମେଳା ହୁଏ। ମେଳାକୁ ବିଭିନ୍ନ ରାଜ୍ୟରୁ ବେପାରୀ ଆସିଥାନ୍ତି। ଏଠାରୁ ସେମାନେ ନିଜ ପସନ୍ଦର ଗଧକୁ କିଣି ନେଇଥାନ୍ତି। ରିପୋର୍ଟ ମୁତାବକ ଏହି ମେଳାରେ ଗଧର ଦାମ୍ ୧୦,୦୦୦ରୁ ଆରମ୍ଭକରି ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ଏହି ମେଳାର ଖାସ୍ କଥା ହେଲା ଏଠାରେ ଗଧଙ୍କୁ ଏକ ଅଲଗା ନାମକରଣ କରାଯାଇଥାଏ।



# ଆଇନା



ଅନନ୍ୟା ନାୟକ
୫ବର୍ଷ, ଭୁବନେଶ୍ୱର



ରିଶିତା ନନ୍ଦ
୬ବର୍ଷ, ଭୁବନେଶ୍ୱର